Click Here & Upgrade
Expanded Features
Unlimited Pages
PDF Complete

ଶାକ୍ତ ସଂସ୍କୃତିରେ ସମନ୍ୱୟର ସ୍ୱର

ଡଃ ନୀଳକଣ୍ଠ ମିଶ୍ର

ଦୁର୍ଗାପୂଜା ସମାଗତ । ଏହି ମହାଶକ୍ତିଙ୍କର ଆବାହନ ଓ ଆରାଧନା ଲାଗି ପୁର, ଜନପଦ ଆଜି ଉତ୍ସବ ମୁଖର ।

ଏହା ଦେବୀଙ୍କର ଅକାଳବୋଧିନୀ ପୂଜା । ଭଗବାନ ରାମଚନ୍ଦ୍ର ଲଙ୍କପତି ରାବଣକୁ ନିଧନ କରିବା ପାଇଁ ଦେବୀଙ୍କର ପୂଜା ସହିତ 'ଆଦିତ୍ୟ ହୃଦୟ' ସ୍ତୋତ୍ର ପାଠ କରିଥିବା ପୁରାଣରୁ ଜଣାଯାଏ । ଚୈତ୍ର ମାସରେ ଦେବୀଙ୍କର ମୂଳପୂଜା 'ବାସନ୍ତିକ' ଦୁର୍ଗାପୂଜା ଅନୁଷ୍ଠିତ ହୋଇଥାଏ ।



ଓଡ଼ିଆ ସଂସ୍କୃତିରେ ଏହି ଦୁଇ ପୂଜାର ପ୍ରଚଳନ ଥିଲେ ମଧ୍ୟ ଶାରଦୀୟ ଦୁର୍ଗାପୂଜାର ଆକର୍ଷଣ ଅନନ୍ୟ ।

ଶରତର ନିର୍ମଳ ଜ୍ୟୋସ୍ନାଭିଜା ଶ୍ୟାମଳ ବ୍ୟାପକ ଆକାଶ, ସମଶୀତୋଷ୍ଣ ବାୟୁମଣ୍ଡଳ, କାକର ବତୁରା ସକାଳରେ ଦେବୀ ଅବତୀର୍ଣ୍ଣ ହୁଅନ୍ତି ଏହି ପୃଥିବୀରେ କାଶତଣ୍ଡୀର ହସ ଖେଳାଇ ଦେଇ ମଣିଷର ମନ ଆଉ ଓଠରେ । ଏଥିପାଇଁ ଏହି ଉତ୍ସବକୁ ପକ୍ଷ ମାସ ଧରି ମଣିଷ ଅପେକ୍ଷା କରି ରହିଥାଏ ଉଦ୍‌ଗ୍ରୀବ, ଉନ୍ମୁଖ ହୋଇ ।

କୃଷି ପ୍ରଧାନ ଓଡ଼ିଶାରେ ଏହି ସମୟରେ କ୍ଷେତ ଶସ୍ୟ ସଂପଦରେ ପରିପୂର୍ଣ୍ଣ ଗ୍ରାମ ପ୍ରାନ୍ତର ଶ୍ରୀବୃଦ୍ଧି ସାଧନ କରିଥାଏ । ଜୀବିକା ଏଠି ପରିଣତ ହୋଇଯାଏ ଜୀବନରେ । ତେଣୁ କୃତଜ୍ଞତା ଜଣାଇବାକୁ ସାଧାରଣ ମଣିଷଟି ଶସ୍ୟ ଲକ୍ଷ୍ମୀଙ୍କର ଉପାସନା କରିବାକୁ 'ନବପତ୍ରିକା' ପୂଜାର ଆୟୋଜନ କରେ । ନଅଗୋଟି ନିର୍ଦ୍ଦିଷ୍ଟ ପତ୍ର ନେଇ ତାହାକୁ ଜୀବନ (ଜଳ-ରସ) ପୂର୍ଣ୍ଣ କଳସୀ ଉପରେ ସମାସୀନ କରି କୃତାଞ୍ଜଳିପୁଟରେ ଧରିତ୍ରୀ ଓ ଐଶୀ ଶକ୍ତିକୁ ସେ ଅର୍ଚ୍ଚନା କରେ । ପ୍ରାଚୁର୍ଯ୍ୟର ଏହି ପର୍ବ ପ୍ରାୟ 'ନୂଆଖାଇ'ଠାରୁ ଆରମ୍ଭ ହୋଇଯାଇଥାଏ ।

ଦେବୀ ଉପାସନାର ମାନବିକ ଦିଗ ବ୍ୟତୀତ ପାରଲୌକିକ ତତ୍ତ୍ୱଟି ଆହୁରି ମହତ୍ତ୍ୱପୂର୍ଣ୍ଣ । ହୋମାଗ୍ନିର ପବିତ୍ର ଅଗ୍ନିଶିଖା ଓ ସୁଗନ୍ଧ ଭିତରେ, ମାନ୍ତ୍ରିକ ବ୍ରାହ୍ମଣର ଉଦାତ୍ତ ମନ୍ତ୍ର ଉଚ୍ଚାରଣରେ, ଧୂପ ସୁଗନ୍ଧର ସୁରଭି ତଥା ବର୍ଣ୍ଣାଢ୍ୟ ଆଲୋକର ବର୍ଣ୍ଣୋତ୍ସବ ମଧ୍ୟରେ କରୁଣାର ମହାପ୍ଲାବନ ସୃଷ୍ଟି କରି ଓହ୍ଲାଇ ଆସନ୍ତି ବରଦା ମମତାମୟୀ ମହାଶକ୍ତି ଦୁର୍ଗା ।

ନାମୀ ଅପେକ୍ଷା ନାମର ମହତ୍ତ୍ୱ ଅଧିକ । ଏହି ତତ୍ତ୍ୱ ସମସ୍ତ ଧର୍ମ ଓ ସଂପ୍ରଦାୟ ବିଶ୍ୱାସ କରିଥାଏ । ଏହି ତତ୍ତ୍ୱ ଅନୁସାରେ 'ଦୁର୍ଗା' ନାମର ମହତ୍ତ୍ୱ ବହୁ ଅଧିକ ।

ସେ ହେଉଛନ୍ତି, 'ସର୍ବବାଧା ପ୍ରଶମନଂ ତ୍ରୈଲୋକ୍ୟସ୍ୟାଖିଳେଶ୍ୱରୀ' ଆଶ୍ରିତ ଜନର ସମସ୍ତ ବାଧା ପ୍ରତିହତ କାରିଣୀ, କାତ୍ୟାୟନ ଋଷିଙ୍କ କନ୍ୟା ଉମା ବା ଜନ୍ମାନ୍ତରେ 'ହିମବନ୍ତ ପର୍ବତଙ୍କ ଦୁଲଣୀ' ପାର୍ବତୀ ସମୟକ୍ରମେ ମହିଷାସୁର ନିଧନ ନିମନ୍ତେ ଦୁର୍ଗା ରୂପେ ଜନମାନସରେ ପୂଜିତା ହେଲେ ।

ଗବେଷକମାନେ କହନ୍ତି, 'ଉମା' ଶବ୍ଦରୁ କାଳକ୍ରମେ 'ଦୁର୍ଗା' ଶବ୍ଦ ନିଷ୍ପନ୍ନ ହୋଇଛି । ବଙ୍ଗ ଭାଷାରେ ରଚିତ ଭରତଚନ୍ଦ୍ରଙ୍କ 'ଅନ୍ନଦାମଙ୍ଗଳ' କାବ୍ୟ ଅନୁସାରେ 'ଉ' ଶବ୍ଦ ହେଉଛି ଶିବ ଓ 'ମା' ଶବ୍ଦ ତାଙ୍କର ସୌନ୍ଦର୍ଯ୍ୟବୋଧକ ।

'ଉ' ଶବ୍ଦେ ବୁଝାଇ ଶିବ 'ମା' ଶବ୍ଦେ ଶ୍ରୀ ତାର ବୁଝିଆ ମେନକା 'ଉମା ନାମ କୈୟସାର ।

ଆଉ କେତେକଙ୍କ ମତରେ ଭଗବାନ 'ଶଙ୍କର'ଙ୍କୁ ପତି ରୂପେ ପାଇବାକୁ ସେ କଠୋର ତପସ୍ୟା କରିବା ଯୋଗୁଁ ଦେଖୁଥିବା ଲୋକ ଭବ ମା' (ତବ କେତେ କଠୋର ତପସ୍ୟା) ଏହି ଭାବ ପ୍ରକାଶ କରୁଥିବାରୁ ତାଙ୍କର ନାମ ଉମା ହେଲା ।

'ଦୁର୍ଗା' ନାମର ପୃଷ୍ଠଭୂମି ବିଶ୍ଳେଷଣ କରି ପଣ୍ଡିତମାନେ ମତ ଦେଇଥାଆନ୍ତି ଦୁର୍ଗ ରକ୍ଷା କରିବା ଲାଗି ଅତୀତରେ ସେ ଚଣ୍ଡୀ ଭାବେ

Click Here & Upgrade
Expanded Features
Unlimited Pages
PDF Complete

ଦୁର୍ଗମାନଙ୍କରେ ଉପାସିତ ହେଉଥିଲେ । ତେଣୁ ଦୁର୍ଗର ଅଧିଷ୍ଠାତ୍ରୀ ଥିବାରୁ ସେ ଦୁର୍ଗା ନାମରେ ନାମିତ ହୋଇଥିଲେ । ଦେବୀ ପୁରାଣ ଅନୁସାରେ

'ତ୍ୱଂହି ଦୁର୍ଗେ ମହାବୀର୍ଯ୍ୟେ ଦୁର୍ଗେ ଦୁର୍ଗ ପରାକ୍ରମେ
ସକଳ ନିଷ୍କଳ ଦେବୀ କାଳାତୀତ ନମସ୍ତୁତେ
ଯୋଗାଧିପ ଯୋଗଗମ୍ୟ ଯୋଗାମ୍ୱା ଯୋଗ ସମ୍ଭବଃ
ରମଣେ ଦେବୀ ଦୁର୍ଗେଷୁ ଦୁର୍ଗେଶ୍ୱରୀ ନମସ୍ତୁତେ ।'

ସମୟକ୍ରମେ ସମସ୍ତ ପ୍ରତୀତ ଜନଙ୍କର ସମସ୍ତ ବାଧା ଅପହରଣ କରୁଥିବାରୁ ସେ 'ଦୁର୍ଗା' ନାମରେ ନାମିତ ହେଲେ ବୋଲି ମତ ପ୍ରକାଶ ପାଇଲା । ପ୍ରଭାତରୁ ତାଙ୍କ ନାମ ଉଚ୍ଚାରଣ କଲେ ସମସ୍ତ ବାଧା ସୂର୍ଯ୍ୟଙ୍କ ଉଦୟରେ ଅନ୍ଧକାର ବିନାଶ ହେଲା ଭଳି ବିନାଶ ହୁଏ ବୋଲି ଶାସ୍ତ୍ର ବାକ୍ୟ ଉଦ୍‌ଭବ ହେଲା । ତାଙ୍କର ନାମ ଉଚ୍ଚାରଣରେ ସମସ୍ତ ପ୍ରକାର ବାଧା ଦୂରୀଭୂତ ହୁଏ ବୋଲି 'ଶବ୍ଦ କଳ୍ପଦ୍ରୁମ' ଶାସ୍ତ୍ର ସିଦ୍ଧାନ୍ତ ନେଲେ । ଶାସ୍ତ୍ର ବର୍ଣ୍ଣନା ଅନୁସାରେ-

ଦୁର୍ଗୋ ଦୈତ୍ୟେ ମହାବିଘ୍ନେ ଭବ ବନ୍ଧେ କୁକର୍ମଣି
ଶୋକେ ଦୁଃଖେ ଚ ନରକେ ଯମଦଣ୍ଡେଚଜନ୍ମନି
ମହାଭୟେତି ରୋଗେ ଚାପ୍ୟା ଶବନୌହନ୍ତୁବାଚକଃ
ଏତାନ ହତନ୍ତ୍ୟବ ଯା ଦେବୀ ସା ଦୁର୍ଗା ପରୀକୀର୍ତ୍ତିତା ।

ଶ୍ରୀ ଅରବିନ୍ଦ ଦର୍ଶନର ସାଧକମାନେ ଉମା, ପାର୍ବତୀ, ଗୌରୀ, ଦୁର୍ଗା ପ୍ରଭୃତି ଏତେ ନାମ ସ୍ମରଣ, ଜପ କରିବା ଅପେକ୍ଷା କେବଳ 'ମା' ନାମ ଜପ କରିବା ଶ୍ରେୟସ୍କର ବୋଲି ମତ ଦେଇଥାନ୍ତି । ସେମାନଙ୍କ ମତରେ 'ମ' ଶବ୍ଦ ଆନନ୍ଦ ପ୍ରବର୍ଦ୍ଧକ ଓ ଏଥିରେ ସମ୍ପୃକ୍ତ 'ା' (ଆ ଫଳା) ସମସ୍ତ ବାଧା ପ୍ରତିହତକାରିଣୀ ।

ପୌରାଣିକ ଉପାଖ୍ୟାନ ଅନୁସାରେ ମହିଷାସୁରର ନିଧନ ପାଇଁ ସମସ୍ତ ଦୈବୀ ତତ୍ତ୍ୱ ଓ ଶକ୍ତିର ସମନ୍ୱୟରେ ଅଗ୍ନିଶତ ସ୍ୱରୂପା ମା' ଦୁର୍ଗାଙ୍କର ଆବିର୍ଭାବ ହୋଇଥିଲା । ଏହି ତତ୍ତ୍ୱ ଓଡ଼ିଶାରେ ପ୍ରଚଳିତ ବିଭିନ୍ନ ଧର୍ମ ଧାରଣାକୁ ବହୁ ପରିମାଣରେ ସମନ୍ୱିତ କରିପାରିଛି ।

ଓଡ଼ିଶାର ରାଷ୍ଟ୍ର ଦେବତା ଓ ଇଷ୍ଟ ଦେବତା ହେଉଛନ୍ତି ଅବତାରୀ ମହାବିଷ୍ଣୁ ଶ୍ରୀଜଗନ୍ନାଥ । ଶାକ୍ତ ଉପାସନାର ସମନ୍ୱିତ ସ୍ୱର ଶ୍ରୀଜଗନ୍ନାଥଙ୍କ ଉପାସନାରେ ବାରମ୍ବାର ଅନୁରଣିତ ହୋଇ ଉଠିଛି । ଏହାଛଡ଼ା ଶୈବ ଶାକ୍ତ ଉପାସନା ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ମହାଶକ୍ତି ଓ ମହାବିଷ୍ଣୁଙ୍କର ନାମ କର୍ମ ଓ ଗୁଣ ଦିଗରୁ ଏହି ସମନ୍ୱୟ ଅନ୍ତଃସଲୀଳା ସରସ୍ୱତୀ ଭଳି ପ୍ରବାହିତ ।

ରାମକୃଷ୍ଣ ପରମହଂସଙ୍କ ମତରେ ଯୁଗ ଅନୁସାରେ ଶ୍ୟାମ ଶ୍ୟାମା ରୂପରେ ଅବତୀର୍ଣ୍ଣ ହୋଇଥାନ୍ତି । ଯେ ଶ୍ୟାମା ସେହି ଶ୍ୟାମ ଅନ୍ତର୍ଦୃଷ୍ଟିହୀନ ଅବୋଧ ମାନବ ବିଷୟାନ୍ଧ ଜୀବ ଉଭୟଙ୍କୁ ଭିନ୍ନ ଭିନ୍ନ ମନେ କରେ । ଗୀତା (୧୧ଶ ଅଧ୍ୟାୟ) ବର୍ଣ୍ଣନା ଅନୁସାରେ ଶ୍ରୀକୃଷ୍ଣ ହେଉଛନ୍ତି କାଳର କାଳ ମହାକାଳ । ସେ ତାଙ୍କର ଜଗନମୋହିନୀ ମହାମାୟା ଶକ୍ତିଙ୍କ ବଳରେ ସୃଷ୍ଟି, ସ୍ଥିତି ଓ ଲୟ କରନ୍ତି । ତେଣୁ ମହାକାଳ ମହାକାଳୀଙ୍କ ମଧ୍ୟରେ ସମନ୍ୱୟ ବ୍ୟତୀତ ସୃଷ୍ଟି ସର୍ଜନା ଅସମ୍ଭବ ।

ଶ୍ରୀକୃଷ୍ଣ ହେଉଛନ୍ତି ଯୋଗେଶ୍ୱର (ଯତ୍ର ଯୋଗେଶ୍ୱର କୃଷ୍ଣ ଯତ୍ର ପାର୍ଥ ଧନୁର୍ଦ୍ଧର ଗୀତା ଅଷ୍ଟାଦଶ ଅଧ୍ୟାୟ ଶେଷ ଶ୍ଳୋକ) । ଅପରପକ୍ଷରେ ମହାଶକ୍ତି ହେଉଛନ୍ତି 'ଯୋଗାଧିୟ, ଯୋଗାମ୍ୱା, ଯୋଗସମ୍ଭବ' (ଦେବୀ ପୁରାଣ) ଉଭୟେ ସର୍ବନାମ । ତେଣୁ ଭକ୍ତ କେଉଁ ନାମରେ ତାଙ୍କୁ ଉପାସନା କରିବ ତାହା ଭକ୍ତର ଇଚ୍ଛାଧୀନ । ସେମାନଙ୍କ ନାମ ବିଷୟରେ ତଥା ବୀଜ ମନ୍ତ୍ର ବିଷୟରେ (କ୍ଳୀଂ ଶବ୍ଦ) ଏଭଳି ଅଜସ୍ର ଉଦାହରଣ ନିଆଯାଇପାରେ ।

ଗୁଣ ଦିଗରୁ ଉଭୟଙ୍କ ମଧ୍ୟରେ ଅଭେଦତ୍ୱ ସତତ ବିଦ୍ୟମାନ । ଉଭୟ ଗୁଣାତ୍ମକ ଦିଗରୁ ଭକ୍ତ ପ୍ରିୟ । ଭଗବତୀ (ବନଦୁର୍ଗା)ଙ୍କ ଧ୍ୟାନରେ ସେ 'ସର୍ବକାମପ୍ରଦାଂ ଦୁର୍ଗାଂ ବରଦାଂ ଭକ୍ତ ବତ୍ସଳାଂ' । ଅନୁରୂପ ଗୁଣ ବିଶେଷ ସହସ୍ର ନାମ ମହାବିଷ୍ଣୁଙ୍କ ଉଦ୍ଦେଶ୍ୟରେ ମଧ୍ୟ ପ୍ରକଟିତ ହୋଇଛି । ସେ ମାଧବୋ ଭକ୍ତ ବତ୍ସଳଃ (ଶ୍ଳୋକ) । ବନଦୁର୍ଗାଙ୍କ ଧ୍ୟାନରେ ଶାକ୍ତ ସଂସ୍କୃତିରେ ବୈଷ୍ଣବୀୟ ଆୟୁଧ (ଚତୁର୍ଭୁଜାଂ ଶଙ୍ଖ ଚକ୍ରଂ ଧରାଂ ବାନାସ୍ୱରୂପିଣୀ) ସହିତ ଶିବଙ୍କ ସ୍ୱରୂପ (ତ୍ରିନେତ୍ରାଂ, ଅର୍ଦ୍ଧେନ୍ଦୁ କୃତ ଶେଖରା) ଓ ଶିବ ଆୟୁଧ (ଉଦ୍ୟତ ତ୍ରିଶୂଳ)ଙ୍କ ଆୟୁଧର ଆଭାସ ଶାକ୍ତ ସଂସ୍କୃତିକୁ ଅଧିକ ସମନ୍ୱୟ ପନ୍ଥୀ କରିଛି । ତେବେ କେତେକ ସମାଲୋଚକ ଭଗବତୀଙ୍କର ମହିଷାସୁର, ଚଣ୍ଡମୁଣ୍ଡ ପ୍ରଭୃତିଙ୍କର ବଧ ଉପାଖ୍ୟାନକୁ ଭିତ୍ତିକରି ମହାଶକ୍ତି ଭକ୍ତ ବତ୍ସଳା ନୁହନ୍ତି ବୋଲି ମତ ଦେଇଥାନ୍ତି । ବିଭିନ୍ନ ଅସୁର ସେମାନଙ୍କର ପ୍ରଗାଢ଼ ଭକ୍ତି ନିଷ୍ଠାଯୁକ୍ତ ତପସ୍ୟା ଫଳରେ ବିଭିନ୍ନ ଦେବତାଙ୍କୁ ପ୍ରୀତ କରି ବର ପ୍ରାପ୍ତ ହୋଇଥିଲେ । ବ୍ରହ୍ମା, ଶିବ ପ୍ରଭୃତି ଏହି ମହାଶକ୍ତିଙ୍କର ଅଂଶ ବିଶେଷ । ଯଦି ମହାଶକ୍ତି ଭକ୍ତ ବତ୍ସଳା ତେବେ ସେ ଅସୁରମାନଙ୍କୁ ନିଧନ କଲେ କିଭଳି ?

ଏହାର ଉତ୍ତରରେ କୁହାଯାଇପାରେ ବିଶ୍ୱଜନନୀ ସର୍ବଦା ବିଶ୍ୱର କଲ୍ୟାଣ କାମନା କରିଥାନ୍ତି । ହେଲେ ତାଙ୍କର କୌଣସି ସନ୍ତାନ ଏହି କଲ୍ୟାଣ ପଥରେ କଣ୍ଟକ ହେଲେ ସେ ତାକୁ ବଜ୍ର କଠୋର ହସ୍ତରେ ଦମନ କରିଥାନ୍ତି । ତେଣୁ ଅବାଧ୍ୟ ସନ୍ତାନଙ୍କ ସହିତ ଯୁଦ୍ଧ କଲାବେଳେ ଚଣ୍ଡୀର ବର୍ଣ୍ଣନା ଅନୁସାରେ

'ଚିତ୍ତେ କୃପା ସମରେ ନିଷ୍ଠୁରତା' ଏହି ଭାବ ମାତା ପ୍ରଦର୍ଶନ କରିଥିଲେ । ଅନୁରୂପ ଭାବେ ଭଗବାନ ଶ୍ରୀକୃଷ୍ଣ ପୁତନା, ବକା, ଅଘା, କଂସ ପ୍ରଭୃତି ଯାହାକୁ ମାରିଛନ୍ତି ତାଙ୍କୁ ମୁକ୍ତି ପ୍ରଦାନ କରିଛନ୍ତି ।

ଦୁଷ୍ଟମାନଙ୍କୁ ବିନାଶ, ସନ୍ଥମାନଙ୍କୁ ସଂସ୍ଥାନ ତଥା ପୁନଃ ଧର୍ମର ସ୍ଥାପନ ପାଇଁ ମହାଶକ୍ତି ଦୁର୍ଗା ତଥା ମହାବିଷ୍ଣୁ ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କର ଏହି ପୃଥିବୀରେ ଆବିର୍ଭାବ । ଶ୍ରୀମଦ୍‌ଭଗବତ

Click Here & Upgrade
Expanded Features
Unlimited Pages
PDF Complete Documents

ଗୀତାରେ ଶ୍ରୀକୃଷ୍ଣ ଏହି ସତ୍ୟକୁ 'ଯଦା ଯଦାହି ଧର୍ମସ୍ୟ ...' ଶ୍ଳୋକରେ ପ୍ରକାଶ କଲାଭଳି ସପ୍ତଶତୀ ଚଣ୍ଡୀରେ ମଧ ଏହି ସତ୍ୟ ସ୍ୱମୁଖରେ ମହାଶକ୍ତି ପ୍ରକାଶ କରିଛନ୍ତି -

'ଇତ୍ଥଂ ଯଦା ଯଦା ବଧ ଦାନବାମ୍ଧା ଭବିଷ୍ୟତି
ତଦା ତଦାବତୀର୍ଯ୍ୟାହଂ କରିଷ୍ୟାମ୍ୟରି ସଂକ୍ଷୟମ ।'

ମହାଶକ୍ତି ଓ ମହାବିଷ୍ଣୁଙ୍କର ଏହି ପୃଥିବୀକୁ ଆଗମନ ଲୋକଶିକ୍ଷା ଓ ଲୋକ ସଂଗ୍ରହ ଉଦ୍ଦେଶ୍ୟରେ । ଭାଗବତରେ ବର୍ଣ୍ଣିତ ଉପାଖ୍ୟାନ ଅନୁସାରେ ଭଗବାନ ଦୁଷ୍ଟ ଶକ୍ତିଙ୍କର ବିନାଶ ପାଇଁ ବଳରାମଙ୍କୁ ରୋହିଣୀଙ୍କ ଗର୍ଭରେ ସ୍ଥାପନ ତଥା ନିଜକୁ ଗୋପପୁରରେ ପହଞ୍ଚାଇ ବିଜୁଳି କନ୍ୟାକୁ ଆଣିବାର ଉପାଖ୍ୟାନ ପ୍ରଭୃତି ସୃଷ୍ଟି କଲ୍ୟାଣ ପାଇଁ ଉଭୟଙ୍କର ସମ୍ମିଳିତ ଚେଷ୍ଟାର ସୂଚନା ଦେଇଥାଏ ।

ଏକଦା ପୃଥିବୀରେ ଭୀଷଣ ଶସ୍ୟ ଅନଟନ ପଡ଼ିଥିବା ବେଳେ ଦେବୀ ଦୁର୍ଗା କେବଳ ଶାଗ ଭକ୍ଷଣ କରି ଜୀବନ ଧାରଣ କରିଥିବାରୁ ତାଙ୍କ ନାମ ଶାକମ୍ଭରୀ ହୋଇଥିଲା । ଏହି ଘଟଣା ଲୋକ ଶିକ୍ଷା ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ ।

ଏହି ବିଶ୍ଳେଷଣରୁ ଜଣାପଡ଼େ ଉଭୟ ମହାଶକ୍ତି ପରସ୍ପରର ଅନୁପୂରକ ପରିପୂରକ । ଆଉ କେତେକ ଏହା ଏକ ଶକ୍ତିଙ୍କର ଭିନ୍ନ ଭିନ୍ନ ରୂପ ତଥା ପରିପ୍ରକାଶ ବୋଲି ମତ ଦେଇଥାନ୍ତି । ତେଣୁ କୁହାଯାଇଛି,

ଏକୈକା ଶକ୍ତି ପରମେଶ୍ୱରସ୍ୟ, ଭିନ୍ନ ଚତୁର୍ଦ୍ଧା ବିନିଯୋଗ କାଳେ ଭୋଗେ ଭବାନୀ, ପୁରୁଷେଷୁ ବିଷ୍ଣୁ, କୋପେଚ କାଳୀ ସମରେତୁ ଦୁର୍ଗା ।

ଅନୁଭବ, ସିଦ୍ଧିର ବୈଷମ୍ୟ, ଭୌଗଳିକ ପରିବେଶ ଓ ଜୀବନ ଶୈଳୀର ବିଭିନ୍ନତା ନେଇ ସମୟକ୍ରମେ ହିନ୍ଦୁଧର୍ମର ପରିବ୍ୟାପ୍ତ ବିଶାଳତା ମଧ୍ୟରେ ବିଭିନ୍ନ ଦର୍ଶନଭିତ୍ତିକ ସମ୍ପ୍ରଦାୟର ଉଦ୍‌ଭବ ଓ ସେମାନଙ୍କ ଭିନ୍ନ ଭିନ୍ନ ଅର୍ଚ୍ଚନା ଶୈଳୀର ବିକାଶ ଘଟିଥିଲା । ତେବେ ଏ ସମସ୍ତ ଅର୍ଚ୍ଚନା ପଦ୍ଧତି ମଧ୍ୟରେ ଏକ ଅଦୃଶ୍ୟ ତତ୍ତ୍ୱ ଓ ଭାବାବେଗର ସ୍ନାୟୁ ସୂତ୍ର ରହିଛି ଏହା ଅନୁଧାନ କଲେ ଜଣାପଡ଼େ । ଏହି ସ୍ନାୟୁସୂତ୍ରର ନାଭିସ୍ନାୟୁ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଏହାର ପ୍ରୟୋଗ ଶାଳା ଓ ପରୀକ୍ଷାଶାଳା ହେଉଛି ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିର ।

ଶାକ୍ତ ଉପାସନା ଶ୍ରୀଜଗନ୍ନାଥଙ୍କ ଉପାସନା ସହିତ ଘନିଷ୍ଠ ଭାବେ ଜଡ଼ିତ 'ବାମଦେବ ସଂହିତା'ର ବର୍ଣ୍ଣନା ଅନୁସାରେ ମନ୍ଦିର ନିର୍ମାଣ ପରେ ବିଗ୍ରହମାନଙ୍କର ପ୍ରତିଷ୍ଠା ପାଇଁ ବ୍ରହ୍ମା ପହଞ୍ଚିବା ପରେ (ଏବେ ମଧ ଏହାର ସ୍ମାରକୀ ରୂପେ ବ୍ରହ୍ମାଙ୍କର ପାଦଚିହ୍ନ ବିମଳା ମନ୍ଦିର ଆଗ ସାମନା ରୋହିଣୀକୁଣ୍ଡ ନିକଟରେ ଅର୍ଚ୍ଚିତ) ସିଂହାସନ ଦାୟିତ୍ୱରେ ଥିବା କେରଣ୍ଡ (ଠିଆ ଠିଆ ହୋଇଥିବା ମୁଣ୍ଡର ବାଳ) କେଶ, ସ୍ୱର୍ଗ ବିଭୂଷିତ, କଙ୍କ କଙ୍କାନ୍ତ ଦହନକ୍ଷମ କ୍ଷେତ୍ରପାଳ ଭୈରବଙ୍କର ଅନୁମତି ଭିକ୍ଷା କରିଥିଲେ । ଏଥିରୁ ଜଣାଯାଏ ଶ୍ରୀକ୍ଷେତ୍ର, ଶ୍ରୀମନ୍ଦିର ତଥା ରତ୍ନସିଂହାସନ ରକ୍ଷଣ ଦାୟିତ୍ୱ ଭୈରବଙ୍କ ଉପରେ ନ୍ୟସ୍ତ ଥିଲା । ଶ୍ରୀମନ୍ଦିର ଗର୍ଭ ଗୃହସ୍ଥ ସିଂହାସନ ପାର୍ଶ୍ୱରେ ଅଷ୍ଟାଦଶ ଶତାବ୍ଦୀ ଯାଏ ଭୈରବ ଉପାସିତ ହେଉଥିଲେ ଏହା ଇତିହାସରୁ ଜଣାଯାଏ । ବୈଷ୍ଣବମାନଙ୍କ ପ୍ରଭାବ ବୃଦ୍ଧି ପାଇବା ଫଳରେ ଅଷ୍ଟାଦଶ ଶତାବ୍ଦୀରେ ଏହି ଭୈରବ ବିଗ୍ରହ ବୈଷ୍ଣବମାନେ ଭାଙ୍ଗି ଦେଇଥିଲେ ଓ ଏଥିପାଇଁ ବହୁଦିନ ଧରି ମରହଟ୍ଟା ଦରବାରରେ ମୋକଦ୍ଦମା ଚାଲିଥିଲା ଏହା ଇତିହାସ ସମର୍ଥିତ ଘଟଣା ।

ତନ୍ତ୍ର ଓ ଶାକ୍ତ ଧର୍ମରେ ଭୈରବଙ୍କୁ ବହୁମାନ୍ୟତା ଦିଆଯାଇଥାଏ । ଶ୍ରୀମନ୍ଦିର ସୂର୍ଯ୍ୟ ପିଣ୍ଡି (ମୁକ୍ତି ମଣ୍ଡପ) ସନ୍ନିକଟ ଏକ କ୍ଷୁଦ୍ର ଗୃହରେ ବର୍ତ୍ତମାନ ଭୈରବ ଉପାସିତ ହେଉଛନ୍ତି । ଏହାଛଡ଼ା ମୁକ୍ତିମଣ୍ଡପ ପୃଷ୍ଠଭାଗ ଦକ୍ଷିଣ ଦିଗରେ 'କ୍ଷେତ୍ରପାଳ ଶିବ'ଙ୍କର ମନ୍ଦିର ରହିଛି । ଏହି ମନ୍ଦିରରେ ଶିବ ଶକ୍ତି ମୁକ୍ତ ଲିଙ୍ଗ ଉପାସିତ ହେଉଛନ୍ତି । ମାତ୍ର ଏହି ମନ୍ଦିରର ପୃଷ୍ଠଦେଶ କାନ୍ଥରେ ଯେଉଁ ଚିତ୍ର ଅଙ୍କିତ ହୋଇଛି ତାହା ଶିବଙ୍କର ଭୈରବ ସ୍ୱରୂପୀ ଭୟ ଉଦ୍ରେକକାରୀ ଚିତ୍ର ।

ନବମ/ଦଶମ ଶତାବ୍ଦୀ ବେଳକୁ ତନ୍ତ୍ର ଲାଗି ସାରା ଭାରତରେ ପ୍ରସିଦ୍ଧି ଲାଭ କରିଥିବା ଉଡ୍ଡୀୟାନ (ବର୍ତ୍ତମାନର ଓଡ଼ିଶା) ପୀଠରେ ଶ୍ରୀଜଗନ୍ନାଥ ଓ ବିମଳା ଯଥାକ୍ରମେ ଭୈରବ ଓ ଭୈରବୀ ରୂପେ ଉପାସିତ ହୋଇ ଉଭୟଙ୍କ ମଧ୍ୟରେ ଥିବା ମୂଳକୁ ପ୍ରତିଷ୍ଠା କରି ସାରିଥିଲେ । ମାତ୍ର ମହାନିର୍ବାଣ ମନ୍ତ୍ର ରଚନା ସମୟକୁ ଶ୍ରୀଜଗନ୍ନାଥ ସ୍ୱୟଂ ଦକ୍ଷିଣ କାଳିକା ବଳଭଦ୍ର ଉଗ୍ରତାରା ଏବଂ ସୁଭଦ୍ରା ଭୁବନେଶ୍ୱରୀ ଭାବେ ସ୍ୱୀକୃତ ହେଲେଣି । ମହାନିର୍ବାଣ ତନ୍ତ୍ରର ବର୍ଣ୍ଣନା ଅନୁସାରେ-

'ଉଗ୍ରତାରା ଶୂଳପାଣି ସୁଭଦ୍ରା ଭୁବନେଶ୍ୱରୀ
ନୀଳାଦ୍ରୌ ତୁ ଜଗନ୍ନାଥଃ ସାକ୍ଷାତ ଦକ୍ଷିଣକାଳିକା ।'

ଶ୍ଳୋକଟିର ଦ୍ୱିତୀୟ ପାଦରେ ଥିବା 'ତୁ' ପ୍ରୟୋଗରୁ ଏହା ନିର୍ଦ୍ଦିଷ୍ଟ ଭାବେ ନୀଳାଦ୍ରିରେ ଥିବା ଜଗନ୍ନାଥ ଯେ ଦକ୍ଷିଣ କାଳିକା ଏହି ସତ୍ୟକୁ ପ୍ରତିଷ୍ଠା କରୁଅଛି ।

ଏହି ତତ୍ତ୍ୱର ପୃଷ୍ଠଭୂମି ବିଶ୍ଳେଷଣ କରି ପଣ୍ଡିତମାନେ କହନ୍ତି ଶ୍ରୀମନ୍ଦିର, ଶ୍ରୀକ୍ଷେତ୍ରବାସୀ ତଥା ସେବାୟତମାନଙ୍କ ପାଇଁ ଏବେ ମଧ ଦକ୍ଷିଣ କାଳିକା ପରମ ଆରାଧ୍ୟା ଦେବୀ । ଏହି ଦେବୀଙ୍କର ଶ୍ରୀଜଗନ୍ନାଥଙ୍କ ସହିତ ସଂପର୍କ ଅଭିନ୍ନ । ଶ୍ରୀମନ୍ଦିର ଜଗମୋହନରେ ଥିବା ଗରୁଡ଼ସ୍ତମ୍ଭର ଦକ୍ଷିଣ ପାର୍ଶ୍ୱରେ ଥିବା ସ୍ତମ୍ଭରେ ଏକ କ୍ଷୁଦ୍ର ମନ୍ଦିର (ଠଣା)ରେ ଅଳ୍ପଦିନ ତଳେ ଦକ୍ଷିଣକାଳୀଙ୍କର ଏକ ଦକ୍ଷିଣାଭିମୁଖୀ କ୍ଷୁଦ୍ର ବିଗ୍ରହ ସ୍ଥାପିତ ହୋଇଛି । ଏହା ଶ୍ରୀକ୍ଷେତ୍ରବାସୀଙ୍କର ଦେବୀଙ୍କ ପ୍ରତି ଥିବା ନିଷ୍ଠାର ପ୍ରକାଶକ ।

Click Here & Upgrade
Expanded Features
Unlimited Pages
PDF Complete Documents

କେତେକ ବର୍ତ୍ତମାନ ଶ୍ରୀମନ୍ଦିର ପରିସର ଭିତରେ ଥିବା ଭଣ୍ଡାରଘର (ଅମୁହାଁ ଦେଉଳ, ନାହିକଟା ମଣ୍ଡପ ନିକଟସ୍ଥ) ଦ୍ୱିତୀୟା-ତୃତୀୟା ଶତକରେ ନିର୍ମିତ ଏକ ମନ୍ଦିରର ମୂଳଦୁଆ ଉପରେ ପରେ ନିର୍ମିତ ହୋଇଛି ବୋଲି ମତ ଦେଇଥାନ୍ତି । ଏହି ବିଧ୍ୱସ୍ତ ମନ୍ଦିରର ବର୍ତ୍ତମାନ ଥିବା ମୂଳଦୁଆକୁ ଅନୁଧ୍ୟାନ କଲେ ଏହା ଏକ ଉନ୍ନତ ମନ୍ଦିର ଥିବାର ଅନୁମିତ ହୁଏ ।

ଏହି ମନ୍ଦିରରେ ଦକ୍ଷିଣକାଳୀ ଉପାସିତ ହେଉଥିଲେ ବୋଲି ବରିଷ୍ଠ ପଣ୍ଡିତମାନେ ମତ ଦେଇଥାନ୍ତି । ସମୟକ୍ରମେ ମନ୍ଦିର ଭାଙ୍ଗି ଯିବାରୁ ବା ଅନ୍ୟାନ୍ୟ କାରଣରୁ ଅର୍ଚ୍ଚିତ ବିଗ୍ରହ ବର୍ତ୍ତମାନର କାଳୀକା ଦେବୀ ସାହିସ୍ଥିତ ମନ୍ଦିରକୁ ସ୍ଥାନାନ୍ତରିତ ହୋଇଥିଲେ । ଶ୍ରୀମନ୍ଦିର ଭିତରର ଏହି ମନ୍ଦିର ଦକ୍ଷିଣାଭିମୁଖୀ ଥିବାର ପ୍ରମାଣ ଏବେ ମଧ୍ୟ ବିଦ୍ୟମାନ । ଅତୀତରେ ଥିବା ମନ୍ଦିରର ବର୍ହିଦ୍ୱାର ଦୁଇପଟରେ ମନ୍ଦିର ଉଚ୍ଚତାକୁ ବିଚାର କରି ମଧ୍ୟମ ଉଚ୍ଚତାର ଦୁଇଟି ସିଂହ ଦୁଇପଟେ ଥିଲେ । ଏହି ସିଂହଦ୍ୱୟ ଏବେ ମାଜଣା ମଣ୍ଡପର କିଞ୍ଚିତ ପଶ୍ଚିମରେ ଓ ଦକ୍ଷିଣଘର (ବିଜେ ପ୍ରତିମା ଅର୍ଚ୍ଚିତ ଗୃହର) କିଞ୍ଚିତ ପୂର୍ବ ଭାଗରେ ଶୋଭା ପାଉଛନ୍ତି । ଏହି ମନ୍ଦିରର ଅବସ୍ଥିତି ବର୍ତ୍ତମାନର ମୁକ୍ତିମଣ୍ଡପ ସମ୍ମୁଖସ୍ଥ ଭଣ୍ଡାର (ଗୁପ୍ତ) ଘର ମଧ୍ୟରେ ଥିବାର ଅନୁମିତ ହୁଏ ।

ଦ୍ୱିତୀୟ ଶତାବ୍ଦୀ ବେଳକୁ ବାଇଶି ପାହାଚ ନିର୍ମିତ ହୋଇ ନଥିଲା । ଏହି ସମୟରେ ବର୍ତ୍ତମାନର ଆନନ୍ଦ ବଜାର ଶେଷରେ ଥିବା ଦକ୍ଷିଣାଭିମୁଖୀ (ବର୍ତ୍ତମାନର ବିଜେ) ଦ୍ୱାର ଯିବା ଆସିବାର ପ୍ରମୁଖ ପଥ ଥିଲା । ଏହି ଦ୍ୱାର ଦେଇ ରାଜା ଓ ଆଚାର୍ଯ୍ୟମାନେ ଯିବା ଆସିବା କରୁଥିଲେ । ଏହି ଦକ୍ଷିଣ ପଥ ଦେଇ ଦେବତାମାନେ ମଧ୍ୟ ବାହାରକୁ ବିଜେ କରୁଥିଲେ, ଯେଉଁ ପ୍ରଥା ଏବେ ମଧ୍ୟ ପ୍ରଚଳିତ ରହିଛି । ଏହି ବର୍ହି ଦ୍ୱାର ଦୁଇ ପଟେ ଦୁଇଗୋଟି ବିରାଟକାୟ ସିଂହ (ସିଂହଦ୍ୱାରସ୍ଥ ସିଂହ ଅନୁରୂପ) ଏବେ ମଧ୍ୟ ସାଧାରଣ ଦର୍ଶକଙ୍କର ଦୃଷ୍ଟି ଅନ୍ତରାଳରେ ବିଦ୍ୟମାନ । ସେହି ସମୟରେ ଭୋଗ ବ୍ୟବସ୍ଥାକୁ ଅନୁଶୀଳନ କଲେ ବର୍ତ୍ତମାନ ଭଳି ରୋଷଘରର ଆବଶ୍ୟକତା ନଥିଲା । ତେଣୁ ନିର୍ମିତ ହୋଇନଥିଲା । ଏହା ବାହାରକୁ ଯିବାର ପ୍ରଧାନ ପଥ ଥିବାରୁ ସମୟକ୍ରମେ ଉଦ୍‌ଭବ ହେଲା -

'ଐଶାନ୍ୟ ମାର୍ଗଂ ଯାତ୍ରାୟାଂ ସର୍ବଦା ସୁଖ ଦାୟକଃ ।'

ମନ୍ଦିର ସ୍ଥାପତ୍ୟ ବ୍ୟତୀତ ଦକ୍ଷିଣକାଳୀକାଙ୍କର ନିତ୍ୟ ଓ ନୈମିତ୍ତିକ ନୀତିରେ ଶ୍ରୀମନ୍ଦିର ତଥା ଶ୍ରୀଜଗନ୍ନାଥଙ୍କର ଅନନ୍ୟ ପ୍ରଭାବ ପରିଲକ୍ଷିତ ହୁଏ । ବିଭିନ୍ନ ବେଶ ମଇଲମ ପରେ ଶ୍ରୀଅଙ୍ଗରୁ ବାହାରୁଥିବା ମାଳ ଫୁଲ ପ୍ରଥମେ ଦକ୍ଷିଣକାଳୀଙ୍କର ପ୍ରାପ୍ୟ । ଦକ୍ଷିଣ କାଳୀଙ୍କର ଭୋଗ ଖଞ୍ଜା ପ୍ରତ୍ୟହ ଶ୍ରୀମନ୍ଦିରରୁ ଯାଇଥାଏ । ବାସନ୍ତିକ ତଥା ଶାରଦୀୟ ଦୁର୍ଗାପୂଜା, ସପ୍ତପୁରୀ ଅମାବାସ୍ୟା ତଥା ଅନ୍ୟାନ୍ୟ କେତେକ ପର୍ବରେ ଶ୍ରୀମନ୍ଦିର ନୀତି ପରମ୍ପରାରେ ଦକ୍ଷିଣ କାଳୀଙ୍କର ପ୍ରାଧାନ୍ୟ ସ୍ପଷ୍ଟ ଜଣାପଡ଼େ ।

ତେଣୁ ମହାପ୍ରଭୁ ଶ୍ରୀପୁରୁଷୋତ୍ତମ ଜଗନ୍ନାଥ ବୈଷ୍ଣବୀୟ ସ୍ୱରରେ ଆପ୍ଲୁତ ହେବା ପୂର୍ବରୁ ଦ୍ୱିତୀୟ ତୃତୀୟ ଶତାବ୍ଦୀରେ ନିର୍ମିତ ମନ୍ଦିରରେ ଶାକ୍ତ (ଦକ୍ଷିଣ କାଳିକା) ଦେବୀ ଭାବେ ଉପାସିତ ହେଉଥିଲେ । ମାତ୍ର ଦ୍ୱାଦଶ ଶତାବ୍ଦୀ ବେଳକୁ ବୈଷ୍ଣବୀୟ ପ୍ରଭାବରେ ଏହି ଶାକ୍ତ ଦେବୀଙ୍କୁ ମହାବିଷ୍ଣୁଙ୍କ ସହିତ ଅଭେଦ ସମ୍ବନ୍ଧାନ୍ୱିତ କରାଗଲା ।

ସମ୍ଭବତଃ ଅଷ୍ଟମ ଶତାବ୍ଦୀ ପୂର୍ବରୁ ଏହି ଶାକ୍ତ ଦେବୀଙ୍କୁ ସ୍ଥାନାନ୍ତରିତ କରାଯାଇଥିଲା । କାରଣ ସପ୍ତମ ଶତାବ୍ଦୀ ବେଳକୁ ସାରା ପୂର୍ବ ଭାରତରେ ମାଧବ ଉପାସନାର ପ୍ରାବଲ୍ୟ ଦେଖାଯାଇଥିଲା ।

ବୈଷ୍ଣବଙ୍କ ପ୍ରଭାବରେ ଦକ୍ଷିଣକାଳିକାଙ୍କୁ ସ୍ଥାନାନ୍ତର କରାଗଲେ ମଧ୍ୟ ଜନମାନସରୁ ତାଙ୍କ ପ୍ରାଧାନ୍ୟ ହ୍ରାସ ପାଇ ନଥିଲା । ତେଣୁ ସମୟକ୍ରମେ ପ୍ରାଚୀନ ଓ ନବନିର୍ମିତ ମନ୍ଦିର (ବର୍ତ୍ତମାନର ଦୃଶ୍ୟମାନ ଶ୍ରୀମନ୍ଦିର) ଉପାସନା ପୀଠ (ରତ୍ନସିଂହାସନ)ର ମଧ୍ୟସ୍ଥଳୀରେ ଦକ୍ଷିଣ କାଳିକାଙ୍କ ଭଳି ଉଗ୍ରତତ୍ତ୍ୱକୁ ସ୍ଥାପନ ନ କରି ସୁଭଦ୍ରାଙ୍କୁ ସ୍ଥାପନା କରାଗଲା । ଅପ୍ରତିହତ ଶାକ୍ତ ଓ ବୈଷ୍ଣବୀୟ ପ୍ରଭାବର ସଂଘର୍ଷ ଯୋଗୁଁ ସେ ନିରାମିଷାଷୀ (ସମୟକ୍ରମେ ବିଧବା) ଭୁବନେଶ୍ୱରୀ ଭାବେ ଗୃହୀତ ହେଲେ ଓ ସେହି ମନ୍ତ୍ରରେ ଉପାସିତ ହେଲେ ଯେଉଁ ପ୍ରଥା ଏବେ ମଧ୍ୟ ପ୍ରଚଳିତ ରହିଛି ।

ଏସବୁ ସତ୍ତ୍ୱେ ମଧ୍ୟ ଦ୍ୱାଦଶ ଶତାବ୍ଦୀ ପର୍ଯ୍ୟନ୍ତ ସୁଭଦ୍ରାଙ୍କ ଉପାସନାରେ ଉଗ୍ର ତାନ୍ତ୍ରିକ ପ୍ରଭାବ 'ଭଗ୍ନୀ ସ୍ତ୍ରୀ ପ୍ରବର୍ତ୍ତିକା' ତତ୍ତ୍ୱ ପ୍ରଚ୍ଛନ୍ନ ଭାବରେ ବିଦ୍ୟମାନ ଥିବାର ଜଣାଯାଏ ।

ତେଣୁ ଶ୍ରୀଜଗନ୍ନାଥଙ୍କ ଉପାସନା ଭିତରେ ଶାକ୍ତ ଉପାସନାର ସମନ୍ୱିତ ସ୍ୱର ଅନୁରଣିତ ହୋଇଥାଏ ।

ଏହି ସଂହତି ଓ ସହନଶୀଳତାର ଅନ୍ୟତମ ପରିପ୍ରକାଶ ହେଉଛି ଶ୍ରୀମନ୍ଦିର ଦୁର୍ଗାମାଧବ ଉପାସନା ଯାହା ଓଡ଼ିଆ ସଂସ୍କୃତିର ସର୍ବଭାରତୀୟ ସଂସ୍କୃତିକୁ ଏକ ମହାନ ଅବଦାନ । ଏଠାରେ ଯେ କୃଷ୍ଣ ସେ ହିଁ କାଳି, ଯେ ଶ୍ୟାମା ସେ ହିଁ ଶ୍ୟାମ । ଗୁପ୍ତ ବା ଶାକ୍ତ ଗୁଣ୍ଡିଚା ଅବସରରେ ପ୍ରଥମ ଆଠଦିନ ଏକା ପ୍ରଭାତର ରୁନ୍ଧା ହୋଇ ଦୁର୍ଗା ଓ ମାଧବ ବିମଳା ମନ୍ଦିର ଜଗମୋହନରେ ବିଜେ କରିଥାନ୍ତି । ଶେଷ ଆଠଦିନ ସେହିଭଳି ଅବସ୍ଥାନ କରି ନାରାୟଣୀ ମଣ୍ଡପରେ ଶୋଭା ପାଇଥାନ୍ତି । ଦୋଳମଣ୍ଡପ ସାହିର ଏହି ମଣ୍ଡପର ନାମ ନାରାୟଣୀ ମଣ୍ଡପ । ଦୁର୍ଗା ଏଠାରେ ନାରାୟଣୀ ବା ନାରାୟଣଙ୍କର ଶକ୍ତି ସ୍ୱରୂପିଣୀ । ଦଶହରା ଦିନ ଜଗନ୍ନାଥ ବଲ୍ଲଭ ମଠର ବିଜୟ ପଡ଼ିଆରେ ଠାକୁରଙ୍କର ବିଜେ ହେବା ଶାକ୍ତ ବୈଷ୍ଣବ ତତ୍ତ୍ୱ ସମନ୍ୱୟର ଅନ୍ୟତମ ନିଦର୍ଶନ ।

ଉପାଖ୍ୟାନରୁ ଜଣାଯାଏ କାଞ୍ଚି ଅଭିଯାନ ବେଳେ ଗଜପତି ପୁରୁଷୋତ୍ତମ ଦେବ ଶ୍ରୀମନ୍ଦିର ବାହାରବେଢ଼ା (ମେଘନାଦ ପାଚେରୀ) ପଶ୍ଚିମ-ଦକ୍ଷିଣ କୋଣରେ ଥିବା ଦୁର୍ଗାମାଧବଙ୍କର ଉପାସନା କରି ଯୁଦ୍ଧଯାତ୍ରା କରିଥିବାରୁ ବିଜୟଶ୍ରୀ ମଣ୍ଡିତ ହୋଇଥିଲେ ।

Click Here & Upgrade
Expanded Features
Unlimited Pages
PDF Complete

ତେଣୁ ସମନ୍ୱୟ ଓ ସଂଯୋଗ ହିଁ ଜୀବନରେ 'ଚରୈବତି' ମନ୍ତ୍ରର ଆବାହନ ସୃଷ୍ଟି କରେ । ସଂହତିର ଅଭାବରେ ଆଜି ରାଷ୍ଟ୍ର ସମାଜ ଦ୍ୱିଧାଗ୍ରସ୍ତ, ବିଭକ୍ତ । ଦୁଷ୍ଟ ଦାନବ ମହିଷାସୁରର ନିଧନ ପାଇଁ ସମସ୍ତ ଦେବଶକ୍ତିର ପୁଞ୍ଜିଭୂତ ସ୍ୱରୂପ ହେଉଛନ୍ତି ମା' ଦୁର୍ଗା । ଏହି ସମନ୍ୱୟର ସ୍ୱର ଶକ୍ତି ଉପାସନାରେ ପ୍ରତ୍ୟକ୍ଷ ଭାବରେ ଉପଲବ୍ଧ ହୋଇଯାଏ । କୁହାଯାଇଛି 'କଳୌ ସଂଘ' ଅର୍ଥାତ୍ କଳିଯୁଗରେ ସଂଘ (ସମ୍ମିଳିତ) ଶକ୍ତି ସବୁଠାରୁ ଫଳପ୍ରସୂ ।

ଆଜି ଶକ୍ତି ଉପାସନାର ଏହି ପ୍ରୀତି ପାର୍ବଣ ଲଗ୍ନରେ ଅସଂହତି ଅସମନ୍ୱୟର ଚଣ୍ଡମୁଣ୍ଡକୁ ପରାହତ କରିବା ଯଥାର୍ଥ ଶକ୍ତି ଉପାସନର ସ୍ୱରୂପ ହେବ । ସମାଜରେ ମୌଳବାଦୀ ଧର୍ମ ଧାରଣାର ଅସଯତ୍ନ ଆଧିପତ୍ୟ ମଣିଷକୁ ଅଧିକ କୁସଂସ୍କାର ଗ୍ରସ୍ତ କରୁଛି ।

ନାରୀ ସଶକ୍ତିକରଣ ନାମରେ ନାରୀର ସ୍ୱର୍ଦ୍ଧାଜନିତ ସ୍ୱକୀୟ ଅହଙ୍କାର ପରିବାର ଓ ସମାଜ ଭିତରେ ମତାନୈକ ସୃଷ୍ଟି କରୁଛି । ଗୁଣାତ୍ମକ ଓ ଋଣାତ୍ମକ ସୂତ୍ରର ସଂଯୋଗରେ ସୃଷ୍ଟି ହୁଏ ଏକ ସମୃଦ୍ଧ ସଂସ୍କୃତି । ତେବେ ନିଜ ଅହଂକାରର ଦସ୍ତାବିଜ ଲେଖିଲା ବେଳେ ଜଣେ ସଚେତନ ହେବା ଉଚିତ ଯେ ସେ ଯେଉଁଳି ଅନ୍ୟଜଣଙ୍କର ସ୍ୱାଭିମାନର ସଂଜ ସଳିତାଟିକୁ ଲିଭାଇ ନଦିଏ ।

ତେଣୁ ଆଜିର ମଣିଷ ସମନ୍ୱୟ ଓ ସହନଶୀଳତାର ଯଜ୍ଞବେଦୀରେ ମୈତ୍ରୀ ଦେବ ଶ୍ରୀଜଗନ୍ନାଥ ଓ ଶକ୍ତିସ୍ୱରୂପା ମହାମାୟାଙ୍କୁ ନିଜକୁ ଭଲ ପାଇବା ସହିତ ଅନ୍ୟକୁ ଭଲ ପାଇବାର ପୁଷ୍ପାଞ୍ଜଳି ଦେବା ଉଚିତ ଏଇ ମୁହୂର୍ତ୍ତରୁ । ବୋଧହୁଏ ଏହା ହିଁ ଜନ୍ମ ଦେବ ଏକ ସମୃଦ୍ଧ, ସଂସ୍କୃତ ସମାଜକୁ ଯାହା ବର୍ତ୍ତମାନର ଏକାନ୍ତ ଆବଶ୍ୟକତା ।

ଶ୍ରୀସିଦ୍ଧ ତପୋବନ
ଟିକରପଡ଼ା ସାହି
ଶ୍ରୀକ୍ଷେତ୍ର-୨

ଶୁଭଦାୟିନୀ ମା'

ଡଃ ସୁଜାତା ଆଚାର୍ଯ୍ୟ

ଚାତକ ପରାଏ ଅନାଇ ବସିଛୁ
ତୁମ ଆଗମନ ପାଇଁ
ଅବତରି ଆସ ଏ ଧରାଧାମକୁ
ଅଭିମାନ କର ନାହିଁ ।
ଦିନୁ ଦିନ ପାପ ବଢୁଛି ଜଗତେ
ଶାଖା ମେଲଇ ଅନୀତି
ହିତାହିତ ଜ୍ଞାନ ଭୁଲୁଛି ମଣିଷ
ସୁଖ ପଛେ ଧାଏଁ ନୀତି ।
ମାଆ ଆଗେ ପିଲା କରିଥାଏ ଦୋଷ
ଥରେ ନୁହେଁ, ବାରବାର
ସୁଧାରି ଦିଅ ମା' ଅଧମକୁ ବାରେ
ଅପରାଧ କ୍ଷମା କର ।

ଦିଅ ମା' ଆଶିଷ ଭକତିର ଭାବ
ତୁମ ନାମ ଜପୁଥିବୁ
ସେ ନାମ ଅମୃତ ପାନ କରି ଆମେ
ସଂସାରରୁ ତରିଯିବୁ ।
ବରଷକେ ଥରେ ଆସ ଗୋ ଏମିତି
ଦରଶନ ମିଳୁଥାଉ
ଘଣ୍ଟ ଘୋଡ଼ାଇ ରଖ ଗୋ ସର୍ବିଙ୍କୁ
ତୁମ ଇଚ୍ଛା ପୂର୍ଣ୍ଣ ହେଉ ।

ପ୍ରାଧାପିକା
ଆଭିଲା କଲେଜ ଅଫ୍ ଏଜୁକେସନ୍
କୋଚିନ୍-୬, କେରଳ